ସକାଳ
THE SAKALA



# ପ୍ରସିଦ୍ଧ ଚନ୍ଦନେଶ୍ୱର ଚଡ଼କ ପର୍ବର ତୃତୀୟ ଅର୍ଘ୍ୟ ସମ୍ପନ୍ନ

ଚନ୍ଦନେଶ୍ୱର, ୧୧।୪ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ହୁଗୁଳି ପଞ୍ଚାୟତରେ ଅଧିଷ୍ଠିତ ପୂର୍ବ ଭାରତର ପ୍ରସିଦ୍ଧ ବାବା ଚନ୍ଦନେଶ୍ୱରଙ୍କ ପୀଠରେ ଚାଲୁଥିବା ପବିତ୍ର ଚଡକ ପର୍ବର ତୃତୀୟ ଅର୍ଘ୍ୟ ଆଜି ଭକ୍ତିମୟ ପରିବେଶରେ ଯଥାରୀତି ସମାପନ ହୋଇଯାଇଛି। ଜଳଯନ୍ତ୍ର ଭାବେ ପୂଜା ପାଉଥିବା ଆଶୁତୋଷ ବାବା ଚନ୍ଦନେଶ୍ୱର ମହାଦେବଙ୍କ ଏହି ପୀଠରେ ଶିବଭକ୍ତମାନଙ୍କର ଅପାର ଭିଡ଼ ଓ ଭକ୍ତିଭାବ ଦେଖିବାକୁ ମିଳୁଛି। ପ୍ରାତଃକାଳରୁ ଭକ୍ତମାନେ ମନ୍ଦିରକୁ ଆସି ମହାଦେବଙ୍କ ଠାରେ ଜଳାଭିଷେକ, ପୂଜାର୍ଚ୍ଚନା ଓ ନୈବେଦ୍ୟ ଅର୍ପଣ କରିଥିଲେ। 'ହର ହର ମହାଦେବ' ଧ୍ୱନି ସହ ଶିବସ୍ତୁତି ମନ୍ତ୍ରୋଚ୍ଚାରଣରେ ସମଗ୍ର ପରିବେଶ ଏକ ଦିବ୍ୟ ଆଧ୍ୟାତ୍ମିକ ପରିବେଶରେ ମୁଖରିତ ହୋଇଯାଇଥିଲା। ଭକ୍ତମାନେ ନିଜ ମନୋକାମନା ପୂରଣ ପାଇଁ ଭୋଳାଶଙ୍କରଙ୍କ ନିକଟରେ ଅଧିଆ ପଡ଼ିଥିବା ଦେଖାଯାଇଥିଲା। ସନ୍ଧ୍ୟା ସମୟରେ ପାଟଭକ୍ତ ହରିଶ୍ଚନ୍ଦ୍ର ସାହୁ, ଶ୍ରୀବେକଡି ନିରଞ୍ଜନ ଲେଙ୍କା ଓ ଦେଉଳିଆ ଅଜିତ କୁମାର ପାତ୍ରଙ୍କ ସହ ୧୩ ଜଣ ସ୍ଥାୟୀ ଉପବିତଧାରୀ ଭକ୍ତ ଓ ଅନ୍ୟାନ୍ୟ ସେବାୟତମାନେ ସମସ୍ତ ସେବାୟତଙ୍କ ଘରକୁ ଯାଇ ପାରମ୍ପରିକ ବେକଡା ପ୍ରଦାନ କରିଥିଲେ। ଏହା ସହିତ ଚଡକ ପର୍ବର ପ୍ରଧାନ ଆକର୍ଷଣ "ଶିବକାମିନୀ' ବିବାହ ପାଇଁ ବରଯାତ୍ରୀ ମାନ୍ୟରେ ସମସ୍ତ ସେବାୟତଙ୍କୁ ଆମନ୍ତ୍ରଣ କାର୍ଯ୍ୟ ଶେଷ କରାଯାଇଥିଲା।

**● ବରଯାତ୍ରୀ ମାନ୍ୟରେ ସେବାୟତଙ୍କୁ ଆମନ୍ତ୍ରଣ ଶେଷ**
**● ଆଜି ଅଲୌକିକ ଶିବକାମିନୀ ବିବାହ**

ପରେ ମନ୍ଦିରରେ ପାରମ୍ପରିକ ଚଡକ ନୀତିକାନ୍ତି, ସେବାପୂଜା ଓ ପରିକ୍ରମା ସମ୍ପନ୍ନ ହୋଇଥିଲା। ଶେଷରେ ପାଟଭକ୍ତ ହରିଶ୍ଚନ୍ଦ୍ର ସାହୁ ଓ ନିରଞ୍ଜନ ଲେଙ୍କା ଉପବିତଧାରୀ ଭକ୍ତମାନଙ୍କ ଉପରେ ତୃତୀୟ ଅର୍ଘ୍ୟ ପାଣି ସିଞ୍ଚନ କରି ଏହି ଦିବସର ତୃତୀୟ ଅର୍ଘ୍ୟ ସମାପନ କରିଥିଲେ। ଆସନ୍ତା ରବିବାର ଶିବକାମିନୀ ବିବାହ ସହ ମହାନୀଳ ପର୍ବ ଓ ସୋମବାର ପାଟ ପର୍ବ ଅନୁଷ୍ଠିତ ହେବ। ଏହି ଦୁଇ ଦିନରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାକୁ ଥିବା ବେଳେ ପାଟ ପର୍ବରେ ୫ ଲକ୍ଷରୁ ଅଧିକ ଭକ୍ତ ଯୋଗଦେବେ ବୋଲି ଆକଳନ କରାଯାଇଛି। ଏହି ଚଡକ ମେଳାକୁ ଉପଭୋଗ କରିବା ପାଇଁ ଓଡିଶା ସହ ପଶ୍ଚିମବଙ୍ଗ, ଝାଡଖଣ୍ଡ ଓ ବିହାରରୁ ଲକ୍ଷାଧିକ ଶୈବ ଭକ୍ତ ଏଠାରେ ପହଞ୍ଚୁଛନ୍ତି। ବିଶେଷକରି ପଶ୍ଚିମବଙ୍ଗରୁ ଅଧିକ ଭକ୍ତ ଆସୁଥିବାରୁ ସେମାନଙ୍କ ଯାତାୟାତ ପାଇଁ କୋଲକାତା ସହ ବିଭିନ୍ନ ସ୍ଥାନରୁ ସାହାବାଜିପୁର ସୀମା ପର୍ଯ୍ୟନ୍ତ ବିଶେଷ ବସ ଓ ଟ୍ରେନ ବ୍ୟବସ୍ଥା କରାଯାଇଛି। ବିପୁଳ ଜନସମାଗମକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୁରକ୍ଷା, ଯାତାୟାତ, ପାନୀୟଜଳ ଓ ସ୍ୱଚ୍ଛତା ବ୍ୟବସ୍ଥା ସହିତ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସମଗ୍ର ଚନ୍ଦନେଶ୍ୱର ଧାମ ଏବେ ଶିବଭକ୍ତିରେ ମଗ୍ନ ହୋଇଥିବା ବେଳେ ଅନୁଷ୍ଠିତ ହେବାକୁ ଥିବା ଶିବକାମିନୀ ବିବାହକୁ ନେଇ ଭକ୍ତମାନଙ୍କ ମନରେ ଅପାର ଉତ୍ସାହ ଓ ଆଧ୍ୟାତ୍ମିକ ଉତ୍କଣ୍ଠା ଦେଖିବାକୁ ମିଳୁଛି।

## ଗୋବିନ୍ଦପୁର ସମବାୟ ସମିତିର ବାର୍ଷିକ ସାଧାରଣ ସଭା



ଖଇରା,୧୧।୪ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗୋବିନ୍ଦପୁର ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଶତାଧିକ ଚାଷୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇ ହୋଇ ଯାଇଛି। ପରିଚାଳନା ବୋର୍ଡ ସଭାପତି ରବିନ୍ଦ୍ର କୁମାର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ପ୍ରଫୁଲ୍ଲ କୁମାର ଖଣ୍ଡା ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ବୋର୍ଡ ସଦସ୍ୟ ନିଳାମ୍ବର ପଣ୍ଡା, ଅଜିତ ରାଉତ, ରମାକାନ୍ତ ମହାନ୍ତି, ଅନନ୍ତ ପ୍ରସାଦ ବାରିକ, ମୃତ୍ୟୁଞ୍ଜୟ ଜେନା ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇ ସମିତିକୁ ଅଧିକ ଲାଭବାନ କରିବା ଉପରେ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ସମିତି କର୍ମଚାରୀ ରିତେଶ ମୁଦୁଲି, ସରୋଜ ମହାକୁଡ, ବେଣୁଧର ପଣ୍ଡା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ସ୍ତ୍ରୀ, ପୁଅ ଓ ଶାଶୂଙ୍କୁ ପେଟ୍ରୋଲ ଢ଼ାଳି ହତ୍ୟା ଉଦ୍ୟମ

ନୀଳଗିରି, ୧୧।୪ (ସମିସ): ୨୦୨୫ ମସିହାରେ ଉଭୟ ଭଲ ପାଇ ବିବାହ କରିଥିଲେ। ସେମାନଙ୍କ ଔରସରୁ ୧୮ ଦିନର ପୁଅଟି ଅଛି। କିଛି ମାସ ଧରି ପୁଅ ଶଶୁର ଘରେ ରହି ଆସୁଥିବା ବେଳେ ସେଠାରେ ନିଜ ସ୍ତ୍ରୀ, ଶାଶୁକୁ ମଧ ଅକଥନୀୟ ଅତ୍ୟାଚାର କରି ଆସୁଥିଲା। ଶେଷରେ ପୁଅ ନିଜ ଗାଁକୁ ପଳାଇ ଯାଇଥିଲା। ତଳ କାହାଳିଆ ଗ୍ରାମର ଭାସ୍କର ପାତ୍ର ର ପୁଅ ମହେଶ୍ୱର ଗତ ୨୦୨୫ ଜୁନ୍ ୨ ତାରିଖରେ ସନ୍ତରାଗାଡିଆ ଗ୍ରାମର ଭାସ୍କର ସ୍ୱାଇଁଙ୍କ ଝିଅ ଜ୍ୟୋତିରାଣୀଙ୍କୁ ବିବାହ କରିଥିଲେ। ବେଶ୍ କିଛି ମାସ ଧରି ସ୍ୱାମୀ ସ୍ତ୍ରୀ ଭଲରେ ଦିନ ବିତାଇ ଥିବା ବେଳେ ସ୍ୱାମୀ ମହେଶ୍ୱର ଆରମ୍ଭ କରିଥିଲେ ନିର୍ଯ୍ୟାତନା। ଶେଷରେ ସ୍ତ୍ରୀ ନିଜ ବାପ ଘରେ ରହି ଆସୁଥିବା ବେଳେ ସ୍ୱାମୀ ନିଜର ଭୁଲ୍ ବୁଝିପାରି ଶଶୁର ଘରେ ରହି ଆସୁଥିଲା। ଏହା ଭିତରେ ତାଙ୍କ ଔରସରୁ ପୁତ୍ର ସନ୍ତାନ ଜନ୍ମ ହୋଇଛି। ଶଶୁର ଘରେ ରହିଥିବା ବେଳେ ମହେଶ୍ୱର ମଦ ଗଞ୍ଜେଇ ମଧ ଖାଉଥିଲା। ଶାଶୁ ଏହାକୁ ବାରଣ କରୁଥିଲେ ମଧ ଛାଡ଼ି ପାରିନଥିଲା। ଶନିବାର ଦିନ ମହେଶ୍ୱର ଦୁଇଟି ବୋତଲରେ ପେଟ୍ରୋଲ ନେଇ ନିଜ ସ୍ତ୍ରୀ, ନବଜାତ ଶିଶୁ, ଶାଶୁ ଉପରେ ଢାଳି ଦେଇ ଘରେ ଥିବା ଗ୍ୟାସ ସିଲିଣ୍ଡର୍ କୁ ଖୋଲି ଏକ ଲାଇଟର ଆଣି ନିଆଁ ଲଗାଇବାକୁ ଚେଷ୍ଟା କରୁଥିବା ବେଳେ ଶାଶୁ ଶକୁନ୍ତଳା ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ପହଞ୍ଚି ଯିବାରୁ ଜୀବନ ବଞ୍ଚି ଯାଇଥିଲା। ପରେ ନୀଳଗିରି ପୁଲିସକୁ ଖବର ଦେବା ପରେ ପୁଲିସ ପହଞ୍ଚି ମହେଶ୍ୱରକୁ ଥାନାକୁ ଆଣିଛନ୍ତି। ଏହି ଘଟଣାକୁ ନେଇ ଶାଶୁ ଶକୁନ୍ତଳା ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବାପା ଭାସ୍କର ପାତ୍ର ତାର ପୁଅକୁ ଶାଶୁ ଓ କିଛି ଗ୍ରାମବାସୀଙ୍କୁ ଡକାଇ ନିର୍ମମ ଭାବେ ପିଟି ପିଟି ସମଗ୍ର ଶରୀରକୁ କ୍ଷେତ ବିକ୍ଷେତ କରିବା ସହ ଜୀବନରୁ ମାରିଦେବାକୁ ପ୍ରୟାସ କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ନୀଳଗିରି ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ମଧ୍ୟାହ୍ନଭୋଜନରେ ଦୁର୍ନୀତି ଘଟଣାରେ ବିଇଓଙ୍କ ତଦନ୍ତ

ବସ୍ତା ବ୍ଲକ, ୧୧।୪ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଏନ୍ ଏ ସି ଅନ୍ତର୍ଭୁକ୍ତ ସର୍ବପୁରାତନ ସ୍କୁଲ ଶମ୍ଭୁନାଥ ସରକାରୀ ହାଇସ୍କୁଲରେ କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟାହ୍ନ ଭୋଜନ ରେ ଅନିୟମିତତା କରିବା ଭଳି ସଙ୍ଗୀନ ଅଭିଯୋଗ ଧୀରେ ଧୀରେ ବିସ୍ଫୋରକ ରୂପ ନେବା ପାଇଁ ଯାଉଛି। ଏହି ଶିକ୍ଷୟତ୍ରୀଙ୍କ ନାମରେ ମାଳ ମାଳ ଅଭିଯୋଗ ଆସିଛି। ପୁରାତନ ଛାତ୍ର, ସ୍କୁଲ ପରିଚାଳନା କମିଟି ର ସଦସ୍ୟ, ବୁଦ୍ଧିଜୀବୀ,ଅଞ୍ଚଳ ବାସୀ ଙ୍କ ଅଭିଯୋଗ ଏହି ଦୁର୍ନୀତିର ତଦନ୍ତ, ସ୍କୁଲର ପରିବେଶକୁ ନଷ୍ଟ କରୁଥିବା ଭଳି ଅଭିଯୋଗ ଆସିବା ପରେ ବସ୍ତା ବିଇଓ ଶନିବାର ସ୍କୁଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଉକ୍ତଳ ଦିବସ ଦିନ ଶମ୍ଭୁନାଥ ସରକାରୀ ହାଇସ୍କୁଲରେ ମଧ୍ୟାହ୍ନ ଭୋଜନ ପିଲାଙ୍କୁ ନଦେଇ ଖାଲି ଅଣ୍ଡା ଦେଇ ପଠାଇ ଦିଆ ଯାଇଥିଲା। ଅଭିଭାବକ ମହଲରୁ ଅଭିଯୋଗ ପାଇ ବସ୍ତାର ଗଣମାଧ୍ୟମ ପ୍ରତିନିଧି ଖବର ସଂଗ୍ରହ କରିବାକୁ ଯାଇଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସାମ୍ବାଦିକ ଙ୍କୁ ଦୁର୍ବ୍ୟବହାର କରିବା ସହିତ ଫଟୋ ନେଉଥିବା ବେଳେ ମୋବାଇଲ ଛଡ଼ାଇ ଥିଲେ। ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସ୍କୁଲରେ ଏମିତି ତଞ୍ଚକତା ବାରମ୍ବାର ହେଉଥିବାରୁ ପରିଚାଳନା କମିଟି ଓ ସ୍ଥାନୀୟ ଲୋକେ ଅଳକା ବିନ୍ଧାଣୀଙ୍କୁ ତୁରନ୍ତ ବଦଳି ସହ ଘଟଣା ର ଯାଞ୍ଚ ପାଇଁ ଜିଲ୍ଲାପାଳ, ଓ ଶିକ୍ଷା ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣା କ୍ରମ ରେ ଶନିବାର ବସ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନା ସ୍କୁଲରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ବିଇଓ ଶ୍ରୀ ଜେନାଙ୍କୁ ପଚାରିବାରୁ ତଦନ୍ତ ରିପୋର୍ଟ ସ୍ୱଚ୍ଛ ଓ ନିରପେକ୍ଷତା ରହିବ। ଯଦି ଅଭିଯୋଗର ସତ୍ୟାସତ୍ୟ ଥାଏ ତାହାଲେ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

## ଜଗାଇ କଲେଜରେ ଜାତୀୟ କର୍ମଶାଳା

କାଳିପଦା, ୧୧।୪ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜଗାଇ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଆଇକ୍ୟୁଏସି ଆନୁକୂଲ୍ୟରେ ନାକ୍ ସମ୍ପର୍କରେ ଏକ ଜାତୀୟ କର୍ମଶାଳା ଅଧ୍ୟକ୍ଷା ଡ. ମାନସୀ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଓଡିଶା ଉଚ୍ଚ ଶିକ୍ଷା ପରିଷଦର କାର୍ଯ୍ୟନିର୍ବାହୀ ସଦସ୍ୟ ଡ. ସସ୍ମିତ ପାଣି ମୁଖ୍ୟଅତିଥି ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସଚ୍ଚିଦାନନ୍ଦ ଦେହୁରୀ ମୁଖ୍ୟବକ୍ତା ଏବଂ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ ବିମଳ କିଶୋର ପ୍ରମୁଖ ଯୋଗଦେଇ ନାକ୍ର ନୂତନ ସଂସ୍କାର ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅଧ୍ୟାପକ ଅଭିଳାଷ ବେହେରା ମଞ୍ଚ ଆହ୍ୱାନ କରିଥିଲେ । ଅଧ୍ୟାପକ ପ୍ରଭାତ କୁମାର ଜେନା, ବିଦ୍ୟାଧର କୁଲ୍‌ହାରୀ, ଦୟାନିଧି ସାହୁ, ବାମଦେବ ଆଚାର୍ଯ୍ୟ, ରାଧାକାନ୍ତ ମହାନ୍ତି, ଶାନ୍ତିଲତା ଦାସ, ମନସ୍ୱିନୀ ଆଚାର୍ଯ୍ୟ, ସସ୍ମିତା ସିଂ, ସରୋଜ ତ୍ରିପାଠୀ, ଶାନ୍ତନୁ ସାମଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଆଶିଷ କୁମାର ଓଝା ଧନ୍ୟବାଦ ପ୍ରଦାନ କରିଥିଲେ।




## ବିଶ୍ୱ ହୋମିଓପାଥିକ ଦିବସ ପାଳିତ

ସୋର,୧୧।୪ (ସମିସ): ସୋର ହୋମିଓପ୍ୟାଥିକ ରିସର୍ଚ୍ଚ ୟୁନିଟ ତରଫରୁ ମଡର୍ଣ ହେକ୍ଷଟେଲ ସଭା ଗୃହରେ ହୋମିଓପାଥିକ ଚିକିତ୍ସାର ଜନକ ଖ୍ରୀଷ୍ଟିୟାନ ଫେଡେରିକ୍ ସାମୁଏଲ ହ୍ୟାନିମାନଙ୍କ ୨୭୨ତମ ଜନ୍ମଦିବସ ପାଳିତ ହୋଇଯାଇଛି! ପ୍ରାରମ୍ଭରେ ମହାରା ହ୍ୟାନିମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜଳନ କରାଯାଇ ପ୍ରାରମ୍ଭିକ ସଂଗୀତଗାନ କରାଯାଇଥିଲା।




ଡା. ବ୍ରଜେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ତଥା ଅବସରପ୍ରାପ୍ତ ଏଡ଼ି ଏମ ଓ ଡା. ଶଶାଙ୍କ ଶେଖର ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ବାଲେଶ୍ୱର ଜିଲ୍ଲା ମଣ୍ଡଳ ଅଧକ୍ଷ ଡା. ସନ୍ତୋଷ କୁମାର ବେହେରା ଯୋଗଦେଇ ସାମୁଏଲ ହାନିମ୍ୟାନଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିବା ସହିତ ବିଶ୍ୱ ହୋମିଓପ୍ୟାଥିକ ଦିବସରେ ହୋମିଓପ୍ୟାଥିକ ଔଷଧର ଗୁଣବତ୍ତା ଉପରେ ରୋଗୀମାନଙ୍କର ଚିକିତ୍ସା ସମ୍ବନ୍ଧରେ ପ୍ରାଧାନ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ଡା. ହରେକୃଷ୍ଣ ରାଉତ,ଡା. ଆଲୋକ କୁମାର ଦାସ, ଡା. ଦିବ୍ୟ ଜୀବନ ସାହୁ, ଡା. ଶୁଭ୍ରାଂଶୁ ଶେଖର ସେଠି, ଡା. ସୃଷ୍ଟିଧର ପାଢୀ, ଡ଼ା ଗୟାଧର ପାଣିଗ୍ରାହୀ, ଡା.ପ୍ରଦିପ୍ତ ଚନ୍ଦ୍ର ଦାଶ, ଡ଼ା. ନିରଞ୍ଜନ ପୋଥାଳ, ଡା. ତୃପ୍ତିମୟୀ ସେନାପତି, ଡା. ନିରୁପମା ଜେନା, ଡା. ରୁବି ଜେନା, ଡା. ସୁନୀତା ସେନ, ଡା. ଗୁରୁପ୍ରସନ୍ନ ପଣ୍ଡା, ଡା.ସଂଘମିତ୍ର। ବୁଦ୍ଧପ୍ରିୟା ଏବଂ ବହୁ ଡାକ୍ତର ଯୋଗଦେଇ ଥିଲେ। ସାବିତ୍ରୀ ହୋମିଓ ହଲ, ତାରିଣୀ ହୋମିଓ ହଲ, ସୋର ହୋମିଓ ହଲ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବ୍ୟବସାୟୀ ବିୟୋଗରେ ଗଣ୍ଡିବେଡ଼ ବଜାର ବନ୍ଦ

ଖଇରା,୧୧।୪ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ବଜାରର ଟେଲର ଶରତ ଚନ୍ଦ୍ର ମହାନ୍ତିଙ୍କର କର୍କଟ ରୋଗରେ ପିଡିତ ହେବା ପରେ ବିଶାଖାପାଟଣାରେ ଚିକିତ୍ସିତ ହୋଇ ନିକଟରେ ଘରକୁ ଫରିବା ପରେ ୭ତାରିଖ ଦିନ ଆଖିବୁଜିଛନ୍ତି। ଏହି ପରିପ୍ରେକ୍ଷୀରେ ଗଣ୍ଡିବେଡ ବ୍ୟବସାୟୀ ସଂଘ ତରଫରୁ ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଦିନ ଅଭିମନ୍ୟୁ ରାଉଳଙ୍କ ଅଧକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇ ଯାଇଛି। କୃଷ୍ଣଚନ୍ଦ୍ର ସାହୁ, ପଦ୍ମଲୋଚନ ଜେନା, ମୁନା ଦାସ ପ୍ରମୁଖ ନିଜ ବକ୍ତବ୍ୟରେ ସ୍ୱର୍ଗତ ଟେଲରଙ୍କ ବିଶେଷ ଗୁଣ ଉପରେ ଆଲୋକପାତ କରିଥିଲେ। ପ୍ରଥମେ ସ୍ୱର୍ଗତ ଆତ୍ମାର ସଦଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯିବା ପରେ ବଜାର ବନ୍ଦ ରଖାଯାଇଥିଲା। ଶରତଙ୍କ ଘର ଖଇରା ବ୍ଲକର ସାଦିକପୁର ଗ୍ରାମରେ।

## ସଡ଼କ ଦୁର୍ଘଟଣାରେ ଫାଇନାନ୍ସ କର୍ମଚାରୀଙ୍କ ମୃତ୍ୟୁ

ସୋର,୧୧।୪(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ପାଇକାଳି ନିକଟସ୍ଥ ବଳିଆ ହୋଟେଲ ସମ୍ମୁଖରେ ଆଜି ମଧ୍ୟାହ୍ନରେ ବ୍ୟାଙ୍କରୁ କାମ ସାରି ଘରକୁ ଫେରୁଥିବା ବେଳେ ସଡକ ଦୁର୍ଘଟଣାରେ ଜଣେ ଫାଇନାନ୍ସ କର୍ମଚାରୀଙ୍କର ମୃତ୍ୟୁ ହୋଇଯାଇଛି। ଖଇରା ଥାନା ସାରକଣା ଗ୍ରାମର ହିମାଂଶୁ ସାହୁ ବାଲେଶ୍ୱରସ୍ଥିତ ଆଇଡିଏଫସି ବ୍ୟାଙ୍କରେ ଫାଇନାନ୍ସ କର୍ମଚାରୀ ଭାବେ କାମ କରନ୍ତି। ଆଜି ମଧ୍ୟାହ୍ନରେ ସେ ବ୍ୟାଙ୍କରୁ କାମ ସାରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ବଳିଆ ହୋଟେଲ ସାମ୍ନାରେ ଏକ ଅଜଣା ଗାଡି ତାଙ୍କ ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସ୍ଥାନୀୟ ଲୋକେ ହିମାଂଶୁଙ୍କୁ ଗୁରୁତର ଭାବେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଓ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଜବତ କରି ଥାନାରେ ରଖିଥିଲେ। ଏ ବାବଦରେ ହିମାଂଶୁଙ୍କ ପରିବାର ଲୋକେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ତେଜରାତି ଦୋକାନରେ ଅଗ୍ନିକାଣ୍ଡ

ସିମୁଳିଆ,୧୧।୪ (ସମିସ): ବିଳମ୍ବିତ ରାତିରେ ବିଦ୍ୟୁତ ସଟସର୍କିଟ ହୋଇ ତେଜରାତି ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଜିନିଷ ପୋଡି ପାଉଁଶ ହୋଯାଇଛି। ସିମୁଳିଆ ଥାନା ଅନ୍ତର୍ଗତ ଜାମ୍ବୁଝାଡ଼ି ପଞ୍ଚାୟତର ରାଧାବଲ୍ଲବପୁର ୧୬ନଂ ଜାତୀୟ ରାଜପଥ ପାଶ୍ୱର୍ରେ ଦିଲ୍ଲୀପ ଦାସଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ବିଦ୍ୟୁତ ସଟସର୍କିଟ ଘଟି ଦାସ କଫି ସେଣ୍ଟର ଓ ତେଜରାତି ଦୋକାନରେ ଅଗ୍ନିକାଣ୍ଡ ଘଟିଥିଲା। ଏହି ଅଗ୍ନିକାଣ୍ଡରେ ଦୋକାନରେ ଥିବା ମାଇକ୍ରୋଭେନ, ଫ୍ରିଜ, ଚା ପାନ ଦୋକାନ ସାମଗ୍ରୀ, ଟଙ୍କା ସମେତ ତେଜରାତି ସାମଗ୍ରୀ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ସୋର ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ସବୁ ପୋଡି ପାଉଁଶ ହୋଇଯାଇଛି।

## ପରିବହନ ବିଭାଗ ପକ୍ଷରୁ ଜେସିବି ଜବତ

ନୀଳଗିରି, ୧୧।୪ (ସମିସ): ବାଲେଶ୍ୱର ପରିବହନ ବିଭାଗର କନିଷ୍ଠ ଏମ୍.ଭି.ଆଇ ଦିନେଶ ରଞ୍ଜନ ବେହେରା ଓ ଦେବସ୍ମିତା ନାୟକ ଶନିବାର ଦିନ ପଞ୍ଚଲିଙ୍ଗେଶ୍ୱର ରାସ୍ତାରେ ଏକ ଜେସିବିକୁ ଚଢ଼ଉ କରିଥିବା ବେଳେ ଉକ୍ତ ଜେ.ସି.ବି ର ସଠିକ୍ କାଗଜପତ୍ର ନ ଥିବାରୁ ୪୨ହଜାର ଟଙ୍କା ଜରିମାନା କରିଥିବାର ଦେଖିବାକୁ ମିଳିଛି। ଜବତ ଜେ.ସି.ବି କୁ ନୀଳଗିରି ଥାନାରେ ଜିମା ଦେଇଥିବାର ଜଣାପଡିଛି।

## ଖଡ଼ଗପୁର ଡିଭିଜନର ବିଭିନ୍ନ ଷ୍ଟେସନରେ ଟିକଟ ଯାଞ୍ଚ

ବାଲେଶ୍ୱର,୧୧।୪ (ସମିସ): ବିନା ଟିକଟ ଯାତ୍ରାକୁ ରୋକିବା ଏବଂ ଅଧିକୃତ ଟିକଟ ସୁବିଧାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ଡିଭିଜନ ଆଜି ବିଭିନ୍ନ ଷ୍ଟେସନ ଏବଂ ଟ୍ରେନରେ ଟିକଟ ଯାଞ୍ଚ ଅଭିଯାନ କରାଯାଇଛି। ବାଲେଶ୍ୱର ସମେତ ବାଲିଚକ, ଜାକପୁର, ଗିରିମୈଦାନ, ଗୋକୁଲପୁର, ରୂପସା, ବେତନଟୀ, ମାର୍କୋଣା, ସୋରୋ, ଅମର୍ଦ୍ଦା ରୋଡ୍, ବାଉରିଆ, ଉଲୁବେରିଆ, ଦେଉଲଟି, କୋଲାଘାଟ, ସାନ୍ତରାଗାଛି ଏବଂ ଡିଭିଜନର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ଷ୍ଟେସନଗୁଡ଼ିକରେ ଏହି ଅଭିଯାନ କରାଯାଇଥିଲା। ରେଳ ସୁରକ୍ଷା କର୍ମଚାରୀଙ୍କ ସହିତ ଟିକଟ ଯାଞ୍ଚ କର୍ମଚାରୀଙ୍କ ଦଳକୁ ବ୍ୟାପକ ଭାବରେ ନିୟୋଜିତ କରାଯାଇଥିଲା। ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା ଟିକେଟ ବିନା ଏବଂ ଅନିୟମିତ ଯାତ୍ରାକୁ ରୋକିବା, ବୁକିଂ କାଉଣ୍ଟର ମାଧ୍ୟମରେ ବୈଧ ଟିକେଟ କିଣିବା ପାଇଁ ଯାତ୍ରୀମାନଙ୍କୁ ଉତ୍ସାହିତ କରିବା, ଯାହା ଦ୍ୱାରା ୱିଣ୍ଡୋ ଟିକଟ ବିକ୍ରୟ ବୃଦ୍ଧି ଏବଂ ଉପଯୁକ୍ତ ରାଜସ୍ୱ ଆଦାୟ ସୁନିଶ୍ଚିତ କରିବା। ଏହି ଅଭିଯାନରେ ବିନା ଟିକଟ ଏବଂ ଅନିୟମିତ ଯାତ୍ରାର ମୋଟ ୧୭୧ଟି ମାମଲା ଚିହ୍ନଟ ହୋଇଥିଲା ଏବଂ ଅପରାଧୀଙ୍କଠାରୁ ଦଣ୍ଡ ସ୍ୱରୂପ ୮୨ ହଜାର ୮୬୫ ଆଦାୟ କରାଯାଇଥିଲା।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଉଟସୋର୍ସିଂ କର୍ମଚାରୀଙ୍କ ମୃତ୍ୟୁ

ବାଲେଶ୍ୱର,୧୧।୪ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆଉଟସୋର୍ସିଂ କର୍ମଚାରୀ ଦେବାଶିଷ ଜେନାଙ୍କ ମୃତ୍ୟୁ ହୋଇଯାଇଛି। ସେ ଦୀର୍ଘ ୭ ବର୍ଷରୁ ଅଧିକ ସମୟ ଡାଟା ଏଣ୍ଟ୍ରି ଅପରେଟର୍ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରି ଆସୁଥିଲେ। ଜଣେ ମିଷ୍ଟଭାଷୀ, ପରୋପକାରୀ କର୍ମଚାରୀଙ୍କ ଅକାଳ ବିୟୋଗରେ ଜିଲ୍ଲାର କର୍ମଚାରୀ ମହଲରେ ଶୋକାକୁଳ ପରିବେଶ ସୃଷ୍ଟିକରିଛି। ଆଉଟସୋର୍ସିଂ କର୍ମଚାରୀ ଦେବାଶିଷ ଜେନାଙ୍କ ଉଦ୍ଦେଶ୍ୟରେ ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ, ବାଲେଶ୍ୱର ପକ୍ଷରୁ ଶନିବାର ସନ୍ଧ୍ୟାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମଚାରୀମାନେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଉକ୍ତ ଶୋକସଭାରେ ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଜିଲ୍ଲା ସଭାପତି ମନୋଜ ରାଉତଙ୍କ ତତ୍ୱାବଧାନରେ ସ୍ୱାସ୍ଥ୍ୟ ବିଭାଗ ସହିତ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

## ବିଷୁବ ସମ୍ମାନ ପାଇବେ ସୂର୍ଯ୍ୟ ଦେଓ



ବାଲେଶ୍ୱର,୧୧।୪ (ସମିସ): କବିତୀର୍ଥ ଶାନ୍ତିକାନନ ସଭାଗୃହରେ ୧୪ ତାରିଖ ଅପରାହ୍ଣ ୪ଟାରୁ ସାହିତ୍ୟ ପରିଷଦ ତରଫରୁ ବିଷୁବ ମିଳନ ଉତ୍ସବ ଆୟୋଜିତ ହେବ। ଏହି ଉତ୍ସବର ପ୍ରାରମ୍ଭରେ 'ଆଜିର କବି' ଚୟନ କରାଯିବ। ଏହାପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଙ୍କ ଯୋଗଦାନ ପୂର୍ବକ ତାଙ୍କର କରକମଳରେ ପ୍ରଖ୍ୟାତ ସିନେ ଗବେଷକ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଲେଖକ ଡ. ସୂର୍ଯ୍ୟ ଦେଓଙ୍କୁ 'ବିଷୁବ ସମ୍ମାନ-୨୦୨୬'ରେ ସମ୍ମାନିତ କରାଯିବ ତଥା ଆଜିର କବି ସମେତ ଅନ୍ୟ ପ୍ରତିଭା ବ୍ୟକ୍ତି ବିଶେଷଙ୍କୁ ମଧ ସମ୍ମାନିତ କରାଯିବ। ଏଣୁ ବହୁ ସଂଖ୍ୟାରେ ସାରସ୍ୱତ ପ୍ରେମୀ ବୁଦ୍ଧିଜୀବୀ ଓଡ଼ିଆ ନବବର୍ଷ ବିଷୁବ ପାଳନ ଉତ୍ସବରେ ଯୋଗଦାନ ପାଇଁ ସମ୍ପାଦକ ଡ.ରତ୍ନାକର ସିଂହ ଅନୁରୋଧ କରିଛନ୍ତି।

## ବାବା ନିଖିରେଶ୍ୱରଙ୍କ ଚଡ଼କ ମେଳାର ଷଷ୍ଠ ଅର୍ଘ୍ୟ

କାଳିପଦା, ୧୧।୪ (ସମିସ): ବାଲିଆପାଳ ବ୍ଲକର ନିଖିରା ଗ୍ରାମସ୍ଥିତ ସ୍ୱୟମ୍ଭୁ ବାବା ନିଖିରେଶ୍ୱର ମହାଦେବ ଜୀଉଙ୍କ ପବିତ୍ର ଚଡ଼କ ପର୍ବ ୧ ତାରିଖଠାରୁ ଆରମ୍ଭ ହୋଇଥିବା ବେଳେ ପ୍ରସିଦ୍ଧ ବାବା ନିଖିରେଶ୍ୱର ପୀଠ ଏବେ ଶିବମୟ ହୋଇଉଠିଛି। ବୁଧବାର ଚଡ଼କ ଯାତ୍ରାର ଷଷ୍ଠ ଅର୍ଘ୍ୟ ଦିବସରେ ଶିବ-କାମିନୀ ବିବାହ ଉତ୍ସବ ଖୁବ ଧୂମଧାମରେ ପାଳିତ ହୋଇଛି। ଏଥିପାଇଁ ଅନୁଷ୍ଠିତ ଶୋଭାଯାତ୍ରାରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। କାମିନା ଠାକୁରାଣୀଙ୍କୁ ବିବାହ କରି ବିରାଟ ପଟୁଆରରେ ଆସିଥିଲେ ବାବା ନିଖିରେଶ୍ୱର। କାମିନୀ ବିବାହ ଉତ୍ସବର ସମସ୍ତ ନୀତି ବୁଧବାର ସମ୍ପନ୍ନ ହୋଇଛି। ନିଖିରେଶ୍ୱର ଚଡ଼କ ମେଳାର ପଞ୍ଚମ ଅର୍ଘ୍ୟରେ ଗୁରୁବାର ଦୂର ଦୂରାନ୍ତରୁ ବହୁ ମାନସିକ ଧାରୀ ଶ୍ରଦ୍ଧାଳୁ ଭକ୍ତ ଉପବୀତ ଧାରଣ କରିଥିଲେ। ମଙ୍ଗଳବାର କାମିନୀ ଘଟକୁ ବିଧି ଅନୁଯାୟୀ ତାପୁଣ୍ଡିଆ ଗ୍ରାମର କୁମ୍ଭାର ଘରୁ ଅଣାଯିବା ପରେ ଅପରାହ୍ନରେ ପୁଣ୍ୟତୋୟା ସୁବର୍ଣ୍ଣରେଖା ନଦୀର ଗୁଆପଡା ଗ୍ରାମର ନଦୀ ଘାଟରୁ କାମିନୀ ଘଟ ଉତ୍ତୋଳନ ହେବାପରେ ବିଶାଳ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଜାମଳା ଗ୍ରାମକୁ ଅଣାଯାଇଥିଲା। ମଧ୍ୟରାତ୍ରୀରେ ହାକାଣ୍ଡ ଘାଟରୁ ନିଶା ଘଟ ଉତ୍ତୋଳନ କରାଯାଇ ମନ୍ଦିରକୁ ଅଣାଯାଇଥିଲା। ବାବା ନିଖିରେଶ୍ୱର ଚ?କ ମେଳା କମିଟିର ସମସ୍ତ ସଦସ୍ୟ ଜାମଳା(ଘଟୁଆଳ)ଦେ ଘର ପରିବାର ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ଆଗକୁ ନୀଳ ଓ ପାଟ ଉତ୍ସବରେ ଆହୁରି ବହୁ ଭକ୍ତଙ୍କ ସମାଗମ ହେବାକୁ ଯାଉଥିବାରୁ ଚଡ଼କ ମେଳା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜଣାପଡିଛି।

**ଆରମ୍ଭ ହୋଇଛି ମାଛ ପ୍ରଜନନ ଋତୁ**

# ୨ ମାସ ପାଇଁ ସମୁଦ୍ରରେ ମାଛଧରା ଉପରେ କଟକଣା

ଚନ୍ଦନେଶ୍ୱର,୧୧।୪ (ସମିସ)

ମାଛମାନଙ୍କର ପ୍ରଜନନ ଓ ଅଣ୍ଡାଦାନ ଋତୁକୁ ଧ୍ୟାନରେ ରଖି ଆସନ୍ତା ଏପ୍ରିଲ ୧୫ ତାରିଖରୁ ଜୁନ ୧୪ ତାରିଖ ପର୍ଯ୍ୟନ୍ତ ପୂରା ୬୧ ଦିନ ସମୁଦ୍ରରେ ମାଛ ଧରା କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିବ। ଏ ସମ୍ବନ୍ଧରେ କଟକ ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇଛି। ଓଡିଶା ସାମୁଦ୍ରିକ ମତ୍ସ୍ୟ ନିୟମ, ୧୯୮୨ ଅନୁଯାୟୀ ପ୍ରତିବର୍ଷ ମାଛମାନଙ୍କର ସୁରକ୍ଷା ଓ ପ୍ରଜନନକୁ ସୁନିଶ୍ଚିତ କରିବା ପାଇଁ ଏହି ୨ ମାସର ନିଷେଧାଜ୍ଞା ଲାଗୁ ହୋଇଥାଏ। ଏହି ସମୟରେ ଗଭୀର ସମୁଦ୍ରକୁ ଯାଉଥିବା ସମସ୍ତ ଯନ୍ତ୍ରଚାଳିତ ଡ଼ଙ୍ଗାକୁ ସମୁଦ୍ରକୁ ଯିବାକୁ କଠୋର ଭାବେ ନିଷେଧ କରାଯାଇଛି। ଭୋଗରାଇ ଅଞ୍ଚଳର ଉଦୟପୁର, ତାଳସାରୀ, କୀର୍ତ୍ତନିଆ ଓ ରଣସିଂହପୁର ଭଳି ବେଳାଭୂମିରୁ ହଜାର ହଜାର ମତ୍ସ୍ୟଜୀବୀ ପରିବାର ସମୁଦ୍ର ଉପରେ ନିର୍ଭର କରି ଜୀବିକା ଚଳାଉଛନ୍ତି। କିନ୍ତୁ ମାଛ ଧରା ବନ୍ଦ ହେବାରୁ ସମସ୍ତ ଡ଼ଙ୍ଗା କୂଳରେ ରହିବା ସହିତ ଏହି ୨ ମାସ ସମୟରେ ସେମାନଙ୍କର ଆୟ ସମ୍ପୂର୍ଣ୍ଣରୂପେ ବନ୍ଦ ହେବ। ଏହାକୁ ନେଇ ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ଗଭୀର ଚିନ୍ତା ଓ ଅସନ୍ତୋଷ ଦେଖାଦେଇଛି। ଦୁଇ ମାସ ଘରେ ବସି ରହିଲେ ପରିବାର କେମିତି ଚାଲିବ? ବୋଲି ଅନେକ ମତ୍ସ୍ୟଜୀବୀ ପ୍ରଶ୍ନ ଉଠାଇଛନ୍ତି। ଚନ୍ଦନେଶ୍ୱରର ଅତିରିକ୍ତ ମତ୍ସ୍ୟ ଅଧିକାରୀ ଅନନ୍ତ କୁମାର ଜେନା କହିଛନ୍ତି ଯେ, ଏହି ନିଷେଧାଜ୍ଞା ସମ୍ବନ୍ଧରେ ବେଳାଭୂମିରେ ନୋଟିସ ଲାଗାଯାଇଛି ଓ ମାଇକ ଯୋଗେ ସଚେତନତା ସୃଷ୍ଟି କରାଯାଇଛି। ନିୟମ ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସଚେତନ କରିଛନ୍ତି। ଏହି ପରିସ୍ଥିତିରେ ମତ୍ସ୍ୟଜୀବୀମାନଙ୍କ ପରିବାର ଜୀବନ ଜୀବିକାକୁ ସମର୍ଥନ ଦେବା ପାଇଁ ସରକାରୀ ସହାୟତା ଦାବି ଜୋର ଧରିଛି।



## ଦୋକାନରୁ ମୋବାଇଲ ଚୋରି

**ପାଣିକୋଇଲି,୧୧।୪(ସମିସ):** ପାଣିକୋଇଲିସ୍ଥିତ ଗଣେଶ ବଜାରରେ ଥିବା ଏକ ଘଣ୍ଟା ଦୋକାନରୁ ଅଭିନବ ଉପାୟରେ ମୋବାଇଲ ଚୋରି ହୋଇଛି। ଏନେଇ ଦେକାନୀ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ତଣ୍ଡରା ଗ୍ରାମର ନୀଳମଣି ରାଉତ ନାମକ ବ୍ୟକ୍ତି ପାଣିକୋଇଲି ଗଣେଷ ବଜାରରେ ଏକ ଘଣ୍ଟା ମରାମତି ଦେକାନ କରିଛନ୍ତି। ଗୁରୁବାର ମଧ୍ୟାହ୍ନରେ ସେ ଦେକାନର ଅଧା ସର୍ଟର ଟାଣି ବିଶ୍ରାମ ନେଉଥିବା ବେଳେ ଜଣ ବ୍ୟକ୍ତି ଘଣ୍ଟା ମରାମତି କରିବାକୁ ଡାକିଥିଲେ। ସେ ଉଠି ଉକ୍ତ ଘଣ୍ଟାକୁ ମରାମତି କରିବାକୁ ରଖି ମୋର ମୋବାଇଲ ନମ୍ବର ନେଇ ପଳାଇଥିଲା। କିନ୍ତୁ ବିଶ୍ରାମ ସାରି ଦେଖିବା ବେଳକୁ ମୋବାଇଲ ନଥିଲା। ଘଣ୍ଟା ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କ ମୋବାଇଲ ଚୋରି କରିନେଇଥିବା ସନ୍ଦେହ କରି ଏତଲା ଦେଇଛନ୍ତି।

## କବାଲି କାର୍ଯ୍ୟକ୍ରମରେ ଯୋଗଦେଲେ ପ୍ରଣବ

**ମଙ୍ଗଳପୁର, ୧୧।୪(ସମିସ):** ଦଶରଥପୁର ବ୍ଲକ କଷ୍ଟା ପଞ୍ଚାୟତର ଏକ କବାଲି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ। କଷ୍ଟା ପଞ୍ଚାୟତର ବରିଷ୍ଠ ବିଜେଡି ନେତା ତଥା ଯାଜପୁର ଜିଲ୍ଲା ବିଜେଡି ସମ୍ପାଦକ ମନୋଜ ରାଉତଙ୍କ ନେତୃତ୍ୱରେ କଷ୍ଟା ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତରୁ ଶହ ଶହ କର୍ମୀ ଯୋଗ ଦେଇ ଏକ ପଦଯାତ୍ରାରେ କବାଲି କାର୍ଯ୍ୟକ୍ରମ ସ୍ଥଳକୁ ତାଙ୍କୁ ପାଛୋଟଇ ନେଇଥିଲେ। ଏଥିରେ ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ଦଶରଥପୁର ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଦଶରଥପୁର ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତି, ଯାଜପୁର ଜିଲ୍ଲା ବିଜେଡି ସମ୍ପାଦକ ଶରତ ତ୍ରିପାଠୀ, ଦୁଦୁରାଅଣ୍ଟା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ରଶ୍ମିରଂଜନ ସେଠୀ, ସମିତି ସଭ୍ୟାଙ୍କ ପ୍ରତିନିଧି ଶିଶିର ରାଉତ, ମଲ୍ଲୀକାପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସ୍ୱପ୍ନେନ୍ଦୁ ଦାସ, ବରିଷ୍ଠ ବିଜେଡି ନେତା ପ୍ରଭାତ ମହାନ୍ତି, ଦୁଦୁରାଅନ୍ତା ପଞ୍ଚାୟତ ବିଜେଡି ସଭାପତି ପିତାମ୍ବର ମାଝୀ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ କଷ୍ଟା ପଞ୍ଚାୟତର ଏସକେ ଦୌଲତ, ସତ୍ୟରଞ୍ଜନ ସାହୁ, ସୁରେଶ କୁମାର ସୁତାର, ଏସକେ ନଜରୁଦ୍ଦିନ, ମାନସ ପାଣିଗ୍ରାହୀ, ପ୍ରଭୁଦତ୍ତ ପତି, ଏସକେ ଚାନ୍ଦ, ଫକନ ସାମଲ, ଅଚ୍ୟୁତାନନ୍ଦ ବେହେରା ପ୍ରମୁଖ ଶହ ଶହ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ହୋମିଓପ୍ୟାଥି ଦିବସ

**ବରୀ,୧୧।୪(ସମିସ):** ବରୀ ବ୍ଲକ ଅନ୍ତର୍ଗତ ଅରଙ୍ଗାବାଦ (ଚତର) ଠାରେ କମଳା ହୋମିଓ ସେବା ସଦନ ଏବଂ ଯୁଧିଷ୍ଠିର ତ୍ରିପାଠୀ ମେମୋରିଆଲ୍ ଚାରିଟେବୁଲ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ହୋମିଓପ୍ୟାଥିକ ଚିକିତ୍ସା ବିଜ୍ଞାନର ଜନକ ଡାକ୍ତର ସି.ଫେଡ୍ରିକ.ସାମୁଏଲ୍ ହ୍ୟାନିମାନଙ୍କ ୨୭୨ତମ ଜୟନ୍ତୀ ଏବଂ ବିଶ୍ୱ ହୋମିଓପ୍ୟାଥିକ ଦିବସ ସମାରହରେ ପାଳିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମକୁ ବରୀ ଅଞ୍ଚଳର ବରିଷ୍ଠ ନାଟ୍ୟକାର ଅଭୟ କୁମାର ଶତପଥି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ସମାଜସେବୀ ପ୍ରଭାସ ଚନ୍ଦ୍ର ଦାସଙ୍କ ସଭାପତିତ୍ୱ କରିଥବଲେ। ଏଥିରେ ଆବାହକ ଯୁବ ସମାଜସେବୀ ଡ. ବିଶ୍ୱନାଥ ତ୍ରିପାଠୀ ଅତିଥି ପରିଚୟ ସ୍ୱାଗତ ଭାଷଣପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ନବ ନିର୍ମାଣ କୃଷକ ସଂଗଠନର ଉପଦେଷ୍ଟା ମାଧବାନନ୍ଦ ଶାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ଜେନା, ଟ୍ରଷ୍ଟର ଅଧ୍ୟକ୍ଷା ଚଞ୍ଚଳା ତ୍ରିପାଠୀ, ସାମ୍ବାଦିକ ବିଶ୍ୱଭୂଷଣ ଜେନା, ଅତିସ୍ କୁମାର ଜେନା, ଦେବୀ ପ୍ରସାଦ ଜେନା, ବିଶ୍ୱହିନ୍ଦୁ ପରିଷଦ ଯାଜପୁରର ସମରସତ୍ତା ପ୍ରମୁଖ ଚିତ୍ତରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହୋମିଓ ଭେଷଜ ସହାୟକ କାହ୍ନୁଚରଣ ନାୟକ, ପ୍ରତିଭା ତ୍ରିପାଠୀ, ଚିତ୍ତରଞ୍ଜନ ପାଢ଼ୀ, ଜୟନ୍ତ ନାଥ, ସ୍ୱର୍ଣ୍ଣସମ୍ପୂର୍ଣ୍ଣା ତ୍ରିପାଠୀ ପ୍ରଭୃତି ଯୋଗ ଦେଇଥିଲେ। ହରପ୍ରସାଦ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

## କ୍ଲଷ୍ଟରସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଉତ୍ସବ

**ସୁକିନ୍ଦା,୧୧।୪(ସମିସ):** ସୁକିନ୍ଦା ବ୍ଲକର କ୍ଲଷ୍ଟରସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅଶୋକଝରର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଥମେ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ଦାସ କୁନି କୁନି ଛାତ୍ରଛାତ୍ରୀଙ୍କୁ ହାତ ଧରି ବିଦ୍ୟାଳୟକୁ ପ୍ରବେଶ କରାଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଝୁନାରାମ ନାୟକଙ୍କ ଅଧ୍ୟକ୍ଷତାରେ ଶିକ୍ଷା ସଚେତନତା ସଭାରେ ସୁକିନ୍ଦା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ପ୍ରଜ୍ଞାପରମିତା ପୃଷ୍ଟି ମୁଖ୍ୟଅତିଥି, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଗୋବର୍ଦ୍ଧନ ପ୍ରଧାନ ମୁଖ୍ୟବକ୍ତା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପ୍ରେମାଞ୍ଜଳି ନାୟକ, ସମିତିସଭ୍ୟା ତପସ୍ୱିନୀ ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଙ୍କଜ ମହାନ୍ତ, ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜୁଲତା କିଷାନ୍ ପ୍ରମୁଖ ସମ୍ମାନିତ ଅତିଥି ଯୋଗଦେଇଥିଲେ। ଏହି ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମରେ ନୂତନ ଭାବେ ୧୬ ଜଣ ପିଲାମାନଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରିବା ସହ ସ୍ୱାଗତ କରାଯାଇ ମୁଖ୍ୟଅତିଥି ଖଡ଼ି ଛୁଆଁଇଥିଲେ। ଆସ ସ୍କୁଲ ଯିବା ଅଧାରୁ ପାଠପଢ଼ା ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ଅଭିମୁଖେ କରିବା, ଶିକ୍ଷାର ବିକାଶ ଏକ ତ୍ରିମୁଖୀ ପ୍ରକ୍ରିୟା ଯଥା ଶିକ୍ଷକ, ଶିକ୍ଷାର୍ଥୀ ଓ ଅଭିଭାବକ ମାନଙ୍କ ମିଳିତ ଉଦ୍ୟମରେ ସଫଳ ହୋଇଥାଏ ବୋଲି ବିଡିଓ ଶ୍ରୀମତୀ ପୃଷ୍ଟି ମତବ୍ୟକ୍ତ କରିଥିଲେ।

## ବିଶ୍ୱ ହୋମିଓପାଥି ଦିବସ

**ଯାଜପୁର,୧୧।୪(ସମିସ):** ହୋମିଓପାଥି ଡାକ୍ତର ଆସୋସିଏସନ ପକ୍ଷରୁ ସ୍ଥାନୀୟ ଆଶ୍ରୟ ମଣ୍ଡପରେ ବିଶ୍ୱ ହୋମିଓପାଥି ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଂଘର ସଭାପତି ଡ. ସନ୍ତୋଷ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ହୋମିଓପାଥି ମେଡିକାଲ ଅଫିସର ଡ. ଏସକେ ସମିଉଲା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଡ. ସୁଲୋଚନା ପଣ୍ଡାଙ୍କ ପରିଚାଳନାରେ ମୁଖ୍ୟବକ୍ତା ଭାବେ ଡ. ସୀତାକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ବରିଷ୍ଠ ଡାକ୍ତର ଡ. ବିମଳ କୃଷ୍ଣ ମହାପାତ୍ର, ଡ. ସତ୍ୟରଞ୍ଜନ ପତି ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡ. ରାଜଶ୍ରୀ ପାଢ଼ୀଙ୍କ ପରିଚାଳନାରେ ସାଇଣ୍ଟିଫିକ ସେମିନାର ଆୟୋଜିତ ହୋଇଥିଲା। ଏଥିରେ ଡ. ବିଶ୍ୱପ୍ରକାଶ ସାମନ୍ତ, ଡ. ରବି ରାଉତ, ଡ. ଶୋଭା ରାଉତ, ଡ. କଳିଙ୍ଗ ଖଟୁଆ, ଡ. ମୋନାଲିସା ଦାସ, ଡ. ଜୟ ପ୍ରକାଶ ମିଶ୍ର, ଡ. ଜ୍ୟୋତି ରଞ୍ଜନ ରାଉତ, ଡ. ଅବିନାଶ ଜେନା ପ୍ରମୁଖ ଯୋଗ ଦେଇ ସେମାନଙ୍କ ଅଭିଜ୍ଞତା ଉପସ୍ଥାପନା କରିଥିଲେ। ଏହି ଅବସରରେ ଜିଲ୍ଲାର ହୋମିଓପ୍ୟାଥି ଡାକ୍ତର ସଂଘର ଡ. ଦୀପ୍ତିମୟୀ ଦାସ, ଡ. ଶୁଭେଚ୍ଛା ଦାସ, ଡ. ଚିନ୍ମୟୀ ସାମଲ, ଡ. ଛନ୍ଦାଶ୍ରୀ ଜେନା, ଡ. କୈଳାସ ଚନ୍ଦ୍ର ପତି, ଡ. ମୋନାଲିସା ପ୍ରଧାନ, ଡ. କିଶୋର ପ୍ରଧାନ, ଡ. ଶାନ୍ତି ସ୍ୱରୂପ ସାହୁ ପ୍ରମୁଖ ଉପସ୍ଥିତ ରହି ଡାକ୍ତର ସାମୁଏଲ୍ ହାନେମ୍ୟାନଙ୍କ ଅବଦାନ ମନେ ପକାଇଥିଲେ।

### ବବିଙ୍କ ନାଁରେ ମିଥ୍ୟା ପ୍ରଚାର ଓ ଏତଲା ପ୍ରତିବାଦରେ ଏତଲା

# ପିଙ୍କୁ ପଟ୍ଟନାୟକଙ୍କ ନାଁରେ ଯାଜପୁର ଥାନାରେ ଏତଲା

**ଯାଜପୁର,୧୧।୪(ସମିସ):**

ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓରଫ ବବି ଙ୍କ ବାସଭବନରେ ଶ୍ରୀମନ୍ଦିର ପ୍ରକଳ୍ପ ଖଣ୍ଡେଲାଇଟ୍ ପଥର ବ୍ୟବହାର ଅଭିଯୋଗ କରି ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ଥାନାରେ ଜଗନ୍ନାଥ ସେନା ପକ୍ଷରୁ ଗତକାଲି ଏତଲା ଦିଆଯାଇଥିଲା। ଆଜି ଉକ୍ତ ଅଭିଯୋଗର ଜବାବ ବବିଙ୍କ ପରିବାର ଲୋକେ ଦେଇ ଏହା ସଂପୂର୍ଣ୍ଣ ମିଥ୍ୟା ଓ ଏହାର ତଥ୍ୟ ପ୍ରମାଣ ପତ୍ର ସାମ୍ବାଦିକ ସମ୍ମିଳନୀରେ ଉପସ୍ଥାପନ କରିଥିଲେ। ଏହା ପରେ ଯାଜପୁର ଜିଲ୍ଲାକୁ ବଦନାମ କରୁଥିବା ଅଭିଯୋଗ କରି ଯାଜପୁର ସିଭିଲ ସୋସାଇଟି ପକ୍ଷରୁ ଅଭିଯୋଗକାରୀ ପ୍ରିୟଦର୍ଶନ ପଟ୍ଟନାୟକ ଓରଫ ପିଙ୍କୁଙ୍କ ବିରୋଧରେ ଯାଜପୁର ଟାଉନ ଥାନାରେ ଏତଲା ଦିଆଯାଇଛି। ଯାଜପୁରର ସିଭିଲ ସୋସାଇଟି ସଭାପତି ବରିଷ୍ଠ ଆଇନଜୀବୀ ପ୍ରବୀର କୁମାର ରାୟଙ୍କ ଦ୍ୱାରା ଏହି ଏତଲା ଦିଆଯାଇଛି। ତେବେ ଟାଉନ ଥାନାରେ ଏତଲା ପ୍ରଦାନ ବେଳେ ସିଭିଲ ସୋସାଇଟିର ସଦସ୍ୟ ଓ କର୍ମକର୍ତ୍ତାମାନେ ସାମିଲ ଥିଲେ। ଏତଲା ମୁତାବକ ଜଗନ୍ନାଥ ସେନାର ଆବାହକ ଅଭିଯୁକ୍ତ ପ୍ରିୟଦର୍ଶନ ପଟ୍ଟନାୟକ ଓରଫ ପିଙ୍କୁ ଅଧିକାଂଶ ସମୟରେ ଓଡ଼ିଆ ଲୋକଙ୍କ ଭକ୍ତି ଭାବନାର ପ୍ରାଣକେନ୍ଦ୍ର ଭାବେ ପରିଚିତ ମହାପ୍ରଭୁ ଜଗନ୍ନାଥଙ୍କ ନାଁ ସହ ଯୋଡ଼ି ବହୁ ନିରୀହ ଭଦ୍ରଲୋକଙ୍କ ନାଁରେ ମିଥ୍ୟା ଅଭିଯୋଗ ଆଣି ସୋସିଆଲ ମିଡିଆରେ ବିଭ୍ରାନ୍ତିକର ଟିପ୍ପଣୀ ଦେଉଛନ୍ତି। ଗତ ୧୦ ତାରିଖରେ ବବି ଉଆସରେ ଶ୍ରୀମନ୍ଦିର ପ୍ରକଳ୍ପର ଖଣ୍ଡେଲାଇଟ୍ ବ୍ୟବହୃତ ହୋଇଥିବା ଦର୍ଶାଇ ସୋସିଆଲ ମିଡିଆରେ କଟୁ ବିବୃତ୍ତି ଦେଇଥିଲେ। ଯେଉଁଥିରେ ସେ ବିନା କାଗଜପତ୍ରରେ ବା କୌଣସି ପ୍ରମାଣ ନଥାଇ ବିଜେଡି ରାଜ୍ୟ ଉପସଭାପତି ପ୍ରଣବ ପ୍ରକାଶ ଦାସଙ୍କ ନାଁ ଯୋଡ଼ିବା ଦ୍ୱାରା ଏହା ଯାଜପୁର ତଥା ଓଡ଼ିଶାବାସୀଙ୍କ ଭାବାବେଗକୁ କୁଠାରଘାତ କରିଛି ବୋଲି ଏତଲା ଫର୍ଦ୍ଦରେ ଦର୍ଶାଯାଇଛି। ଭାରତୀୟ ଦଣ୍ଡବିଧି ଆଇନି ଦଫା ୨୯୯/୩୫୬(ବିଏନଏସ) ବଳରେ ଅଭିଯୁକ୍ତଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରିବାକୁ ସିଭିଲ ସୋସାଇଟି ପକ୍ଷରୁ ଦାବି ହୋଇଛି। ଏହି ଏତଲା ପ୍ରଦାନ ସମୟରେ ରାଜ୍ୟ ଆଇନଜୀବୀ ପରିଷଦ ଉପାଧ୍ୟକ୍ଷ ରାଜୀବ ମହାନ୍ତି, ଆଇନଜୀବୀ ଜୟଦୀପ ମିଶ୍ର, ବରିଷ୍ଠ ଆଇନଜୀବୀ ସମରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ଆମ ଗାଁ ଅଙ୍ଗନବାଡ଼ି କେନ୍ଦ୍ରର ଉଦ୍‌ଘାଟନ

**ବିଞ୍ଝାରପୁର,୧୧।୪(ସମିସ):** ବିଞ୍ଝାରପୁର ବ୍ଲକ୍ କପିଳା ଗ୍ରାମପଞ୍ଚାୟତ ଅଧୀନ ମାନଧାତାପାଟଣାରେ 'ଆମ ଗାଁ ଅଙ୍ଗନୱାଡି କେନ୍ଦ୍ର'ର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରଟିକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ସରପଞ୍ଚ ଦେବଦତ୍ତ ସେଠୀ, ସମିତି ସଭ୍ୟା ଆରିତୀ ମଲିକ ସହ ବିଭିନ୍ନ ଜନପ୍ରତିନିଧି, ବିଭାଗୀୟ ଅଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ନୂତନ ଅଙ୍ଗନବାଡି କେନ୍ଦ୍ର ଆରମ୍ଭ ହେବାରୁ ଅଞ୍ଚଳର ଶିଶୁମାନଙ୍କ ପୋଷଣ, ପ୍ରାଥମିକ ଶିକ୍ଷା ଏବଂ ଗର୍ଭବତୀ ଓ ଧାତ୍ରୀ ମହିଳାଙ୍କୁ ସେବା ଯୋଗାଣରେ ଅଧିକ ସୁବିଧା ମିଳିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।



### ● ବାଉଁଶଡୋଳରେ ଝାଡ଼ାବାନ୍ତି ଘଟଣା

## ଜଳରୁ ସଂକ୍ରମଣ ହୋଇନାହିଁ

**କବାଟବନ୍ଧ,୧୧।୪(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଅଞ୍ଜିରା ପଞ୍ଚାୟତ ବାଉଁଶଡୋଳ ଗାଁରେ ଝାଡ଼ା ବାନ୍ତିରେ ଆକ୍ରାନ୍ତ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି। ସେମାନେ ମେଡିକାଲରୁ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ଘରକୁ ଫେରୁଛନ୍ତି। ମାତ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ଗାଁରେ ନିୟମିତ ଭାବେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି। ସଂକ୍ରମଣର କାରଣ ପାନୀୟ ଜଳ ବୋଲି ଅନୁମାନ କରାଯାଉଥିଲେ ମଧ୍ୟ ତାହା ସତ୍ୟ ନୁହେଁ ବୋଲି ଜଣାପଡ଼ିଛି। ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ବିଭିନ୍ନ ଜଳ ଉତ୍ସର ନମୁନା ସଂଗ୍ରହ କରାଯାଇଥିଲା। ଶନିବାର ଏହାର ରିପୋର୍ଟ ଆସିବା ପରେ ଏହି ଜଳରୁ ସଂକ୍ରମଣ ହୋଇ ନ ଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ତଥାପି ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ କର୍ମଚାରୀମାନେ ଗାଁରେ ଲୋକଙ୍କୁ ସଚେତନ କରିବା ସହିତ ମେଡିସିନ, ଓଆର୍‌ଏସ୍ ଆଦି ବିତରଣ କରୁଛନ୍ତି। ଆକ୍ରାନ୍ତ ମାନେ ଖାଇଥିବା କୌଣସି ଖାଦ୍ୟରୁ ଏହି ସଂକ୍ରମଣ ହୋଇ ଝାଡ଼ାବାନ୍ତି ହୋଇଥିବା ଜଣାପଡିଛି।

### ● ଜରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

## ଗଣଧାରଣା ତୃତୀୟ ଦିନରେ

**ବିଞ୍ଝାରପୁର,୧୧।୪(ସମିସ):** ବିଞ୍ଝାରପୁର ବ୍ଲକରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହେଉଥିବା ଅଭିଯୋଗ ଉଠିଛି। ବ୍ଲକର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବା ବେଳେ, କେବଳ ଆୟୁଷ ଡାକ୍ତରଙ୍କ ଉପରେ ରୋଗୀ ସେବା ନିର୍ଭର କରୁଛି। ଏହାକୁ ପ୍ରତିବାଦ କରି ଜରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାଲିଥିବା ଦିବାରାତ୍ରୀ ଗଣଧାରଣା ଆଜି ତୃତୀୟ ଦିନରେ ପହଞ୍ଚିଛି। ଦୀର୍ଘଦିନ ଧରି ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଏମ୍‌ବିବିଏସ ଡାକ୍ତର ନିଯୁକ୍ତି ସହ ମଲ୍ଟିପର୍ପସ ହେଲ୍ଥ ୱାର୍କର ବଦଳରେ ସ୍ଥାୟୀ ଫାର୍ମାସିଷ୍ଟ ନିଯୁକ୍ତି ଓ ଡେଲିଭେରୀ ପଏଣ୍ଟ ଚାଲୁକରଣ, ସାପ କାମୁଡ଼ା, କୁକୁର କାମୁଡ଼ା ଓ ଆପାତକାଳୀନ ଔଷଧ ଯଥେଷ୍ଟ ଯୋଗାଣ ପରି ଦାବି ଉଠିଆସୁଛି। କିନ୍ତୁ ଦୁଃଖଦ ବିଷୟ ଯେ, ଏପର୍ଯ୍ୟନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏହି ଦାବିଗୁଡ଼ିକ ପ୍ରତି କୌଣସି ସକାରାତ୍ମକ ପଦକ୍ଷେପ ନେଇନାହାନ୍ତି। ଧାରଣାସ୍ଥଳକୁ ମଧ୍ୟ କୌଣସି ଉଚ୍ଚ ଅଧିକାରୀ ପହଞ୍ଚିନାହାନ୍ତି। କେବଳ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ କ୍ଷୀତିଶ କୁମାର ନାୟକ ସ୍ଥଳ ପରିଦର୍ଶନ କରିଥିବା ସୂଚନା ମିଳିଛି। ଏହି ପରିପ୍ରେକ୍ଷିରେ ଆଞ୍ଚଳିକ ବୁଦ୍ଧିଜୀବୀ ମଞ୍ଚ ଜରି, ଛନ୍ଦାମୁଣ୍ଡ ଓ ବାଙ୍ଗରାର ଆହ୍ୱାନରେ ସଭାପତି ଗଣନାଥ ବିଶ୍ୱାଳ, ସମ୍ପାଦକ ବ୍ରହ୍ମାନନ୍ଦ ମଲ୍ଲିକ ସହ ଅନ୍ୟାନ୍ୟ ସଦସ୍ୟ ଓ ସ୍ଥାନୀୟ ଲୋକମାନେ ଗଣଧାରଣାରେ ସାମିଲ ହୋଇଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆମରଣ ଅନଶନ ଆରମ୍ଭ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସୁକିନ୍ଦାରେ ରକ୍ତଦାନ ଶିବିର

**ସୁକିନ୍ଦା,୧୧।୪(ସମିସ):** ଓଡ଼ିଶା ପକ୍ଷ ପାଳନ ଅବସରରେ ସୁକିନ୍ଦା ଓ ଭାରତୀବିହାର ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବର ଅନୁଷ୍ଠିତ ହୋଇ ୫୪ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ଜଣାପଡିଛି। ସୁକିନ୍ଦା ମହାବିଦ୍ୟାଳୟ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ଥାର୍ଡ ଇଣ୍ଡିଆନ ରିଜର୍ଭ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ବିଭୂତି ଭୂଷଣ ମହାରଣା ଉଦ୍‌ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପ୍ରଶାନ୍ତ କୁମାର ମହାରଣା, ସୁଚିତ୍ରା ଦାସ, ବୈଲୋଚନ ମଲିକ ପ୍ରମୁଖ ପରିଚାଳନା କରିଥିଲେ। ୨୧ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସେହିଭଳି ଭାରତୀ ବିହାର ମହାବିଦ୍ୟାଳୟ ଅଧ୍ୟାପକ ପ୍ରଦୀପ ପ୍ରଧାନ, ସମୀର ମହାପାତ୍ର ଓ ଅଭିମନ୍ୟୁ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ଅଧ୍ୟକ୍ଷ ତ୍ରିଲୋଚନ ସାହୁ ଉଦଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ୩୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉଭୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ସେଣ୍ଟ୍ରାଲ ରେଡକ୍ରସ୍ ବ୍ଲଡ ସେଣ୍ଟର କଟକର ଟିମ୍ ରକ୍ତ ସଂଗ୍ରହ କରିଥିଲେ।

## ନାବାଳକକୁ ଅପହରଣ

**ବ୍ରହ୍ମବରଦା,୧୧।୪(ସମିସ):** ବ୍ରହ୍ମବରଦା ଥାନା ଅର୍ନ୍ତଗତ ପୋଷ୍ଟଅଫିସ ଛକ ନିକଟରୁ ଆଜି ଅପରାହ୍ନ ସମୟରେ ଏକ ନାବାଳକକୁ ଅପହରଣ କରାଯାଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ ବ୍ରହ୍ମବରଦା ପଞ୍ଚାୟତ ସ୍ଥିତ ୬ନମ୍ବର ୱାର୍ଡର୧୪ବର୍ଷିୟ ନାବାଳକକୁ ବ୍ରହ୍ମବରଦା ପୋଷ୍ଟଅଫିସ ଛକ ନିକଟରୁ ଅପରାହ୍ନ ସମୟରେ ଏକ କଳା ରଙ୍ଗର କାର୍‌ରେ କିଛି ଦୁର୍ବୃର୍ତ୍ତମାନେ ଆସି ଅପହରଣ କରି ନେଇଯାଇଥିଲେ। ପରିବାର ବହୁ ଖୋଜାଖୋଜି କରିବା ପରେ ନିଜ ପିଲାକୁ ନପାଇ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। କିଛି ସମୟପରେ ଅପହୃତମାନେ ଉକ୍ତ ନାବାଳକକୁ ବାଲିଚନ୍ଦ୍ରପୁର ନିକଟରେ ଛାଡ଼ଦେଇ ପଳାଇଯାଇଥିଲେ। ନାବାଳକ ଜଣଙ୍କ ନିକଟସ୍ଥ ଦେକାନୀଙ୍କ ଫୋନ୍‌ରୁ ନିଜ ପରିବାରକୁ ଫୋନ୍ ଯୋଗେ ଘଟଣା ସମ୍ପର୍କରେ ଜଣାଇବା ପରେ ପରିବାର ଲୋକେ ବାଲିଚନ୍ଦ୍ରପୁର ଠାରେ ପହଞ୍ଚି ପିଲାଟିକୁ ଉଦ୍ଧାର କରି ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ କିଏ, କାହିଁକି ଓ କେଉଁ କାରଣରୁ ଉକ୍ତ ଯୁବକ ଜଣଙ୍କୁ ଅପହରଣ କରିଥିଲା ଓ ପରେ କାହିଁକି ଛାଡ଼ିଦେଲା ତାହାର କାରଣ ଅସ୍ପଷ୍ଟ ରହିଛି। ବ୍ରହ୍ମବରଦା ପୁଲିସ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି।

## ଗ୍ରୀଷ୍ମକାଳୀନ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ବଡ଼ଚଣା,୧୧।୪(ସମିସ):** ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନସ୍ଥ ଧାନମଣ୍ଡଳ ସ୍ଥିତ ହୋଲି ଜେଶସ ପବ୍ଲିକ ସ୍କୁଲ ପରିସରରେ ଆଜି ଗ୍ରୀଷ୍ମକାଳୀନ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଛି। ହୋଲି ଜେସସ୍ ପବ୍ଲିକ ସ୍କୁଲର ଅଧ୍ୟକ୍ଷା କାମିନୀ ନାୟକଙ୍କ ସଭାପତିତ୍ୱ ଆୟୋଜିତ ଉତ୍ସବକୁ ବିଦ୍ୟାଳୟର ପୁରାତନ ଛାତ୍ର ତଥା ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଉଦ୍‌ଘାଟନ କରିଥିଲେ। ଆଜିର ଉଦ୍‌ଘାଟନ ଦିବସରେ ଜୁମ୍ବା ନୃତ୍ୟ, ହସ୍ତକଳା ଚିତ୍ର, ପେଣ୍ଟୁ ନୃତ୍ୟ, ରିଙ୍ଗ ନୃତ୍ୟ, ଥ୍ରେଡ୍ ପ୍ରିଂଟି, ବଟଲ ପ୍ରିଣ୍ଟିଂ ସହିତ ଯାଦୁ ଖେଳ ହୋଇଥଲା। ଏହି ଖେଳ ତିନିଦିନ ଧରି ଚାଲିବ। ଚନ୍ଦନ କୁମାର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବକୁ କ୍ରୀଡ଼ା ସଂଯୋଜକ ଦେବାଶିଷ ନାୟକ, ବୈଷୟିକ ସହଯୋଗୀ ଚିରଞ୍ଜିବୀ ଜେନା, ଶିକ୍ଷକ ସଂଜୟ କୁମାର ରାଉତ, ଲକ୍ଷ୍ମୀ ଧର ମଲ୍ଲିକ, ଶିକ୍ଷୟିତ୍ରୀ ମୌସୁମୀ ଦାସ, ସୁଭାଷିନୀ ମଲ୍ଲିକ କିରଣ ଯାଦବ, ପୁମନ୍ ଭାରତୀ, ସୁଭାଷିନୀ ଦାସ ଯାଦବ, ଶୁଭ ଲକ୍ଷ୍ମୀ ସାହୁ, ଶୀତଲ ପାଟୋଡ଼ିଆ, ପ୍ରିୟଙ୍କା ମଲ୍ଲ, ଶୁଭଶ୍ରୀ ବେହେରା, ଜ୍ୟୋତିକା ଶର୍ମା, ସାଗାରିକା ଶର୍ମା ପ୍ରମୁଖ ସହଯୋଗ କରିଥିଲେ।

## ପବ୍ଲିକ ପ୍ରୋସିକ୍ୟୁଟରଙ୍କ ତାଲିମ କାର୍ଯ୍ୟକ୍ରମ

**ଯାଜପୁର,୧୧।୪(ସମିସ):** ଯାଜପୁର ଜିଲ୍ଲାର ନନ୍-କ୍ୟାଡର ପବ୍ଲିକ ପ୍ରୋସିକ୍ୟୁଟରମାନଙ୍କ ପାଇଁ ଦୁଇଦିନିଆ ଇଣ୍ଡକ୍ସନ ଏବଂ ରିଫ୍ରେସର ଟ୍ରେନିଂ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡ଼ିଶା ସରକାରଙ୍କ ଆଇନ ବିଭାଗ ଦ୍ୱାରା ପବ୍ଲିକ ପ୍ରୋସିକ୍ୟୁଟର ନିର୍ଦ୍ଦେଶାଳୟ ସହଯୋଗରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏହି ତାଲିମ କାର୍ଯ୍ୟକ୍ରମ ଏପ୍ରିଲ ୧୧ ଏବଂ ୧୨ ତାରିଖ ଦୁଇ ଦିନ ଧରି ଆୟୋଜିତ ହୋଇଛି। ଭାରତୀୟ ନ୍ୟାୟ ସଂହିତାରେ ସଂଶୋଧନ ଏବଂ ଏହାର ପ୍ରଭାବ, ପୁରୁଣା ଓ ନୂଆ କ୍ରିମିନାଲ ଆଇନ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ, ନୂଆ କ୍ରିମିନାଲ ଆଇନ, ଫରେନସିକ୍ସ, ପବ୍ଲିକ ପ୍ରୋସିକ୍ୟୁଟରଙ୍କ ଭୂମିକା ଓ ଦାୟିତ୍ୱ, ନୂତନ ଆଇନରେ ପୀଡ଼ିତ କୈନ୍ଦ୍ରିକ ଜାମିନ ଇତ୍ୟାଦି ବିଷୟରେ ତାଲିମ ଦିଆଯାଉଛି। ତାଲିମ ଶିବିରର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ୍, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଏସପି ଶିତିକଣ୍ଠ କାନୁନଗୋ, ପବ୍ଲିକ ପ୍ରୋସିକ୍ୟୁଟର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ଜନ୍ମେଞ୍ଜୟ ପଲେଇ, ପ୍ରୋସିକ୍ୟୁସନ୍ ଉପନିର୍ଦ୍ଦେଶକ ରଶ୍ମିତା ମହାପାତ୍ର, ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ସୁବ୍ରତ ମହାନ୍ତି, ଅବସରପ୍ରାପ୍ତ ପବ୍ଲିକ ପ୍ରୋସିକ୍ୟୁଟର ଶରତ ଚନ୍ଦ୍ର ପ୍ରଧାନ, ପବ୍ଲିକ ପ୍ରୋସିକ୍ୟୁଟର ମୋନାଲି ରାଇସା, ଆଡିସନାଲ ପିପି, ବିପ୍ଳବ କୁମାର ମୁଦୁଲି, ଆଡିସନାଲ ପିପି ସୌମ୍ୟାଶ୍ରୀ ସ୍ୱାଇଁ, ସହକାରୀ ନିର୍ଦ୍ଦେଶକ ପ୍ରତିମା ଓଝା, ସହକାରୀ ନିର୍ଦ୍ଦେଶକ ହିନ୍ଦୁ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ନବନିଯୁକ୍ତ ଅଧିକାରୀମାନେ ଯୋଗ ଦେଇ ତାଲିମ ନେଇଥିଲେ।

## ମୁକୁନ୍ଦପାତ୍ର ଡିଗ୍ରୀ କଲେଜରେ ରକ୍ତଦାନ ଶିବିର

**କବାଟବନ୍ଧ,୧୧।୪(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁରସ୍ଥ ମୁକୁନ୍ଦ ପାତ୍ର ଡିଗ୍ରୀ ମହାବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ସେଣ୍ଟ୍ରାଲ ରେଡ୍‌କ୍ରସ କଟକ ପକ୍ଷରୁ ଏହି ଶିବିରରୁ ରକ୍ତ ସଂଗ୍ରହ କରାଯାଇଥିଲା। ଧର୍ମଶାଳା ବ୍ଲକ ଉପାଧ୍ୟକ୍ଷା ବିଶ୍ୱ ବିଜୟିନୀ ମିଶ୍ର ଉକ୍ତ ଶିବିରରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା କବିତା ବିଶ୍ୱାଳ ଏବଂ ଜାତୀୟ ସେବା ଯୋଜନାର ସଂଯୋଜକ ପ୍ରସନ୍ନ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜାତୀୟ ସେବା ଯୋଜନା ଏବଂ ୟୁଥ ରେଡ୍‌କ୍ରସ ମିଳିତ ସହଯୋଗରେ ବଳରାମପୁର ସ୍ଥିତ ମୁକୁନ୍ଦ ପାତ୍ର ଡିଗ୍ରୀ କଲେଜରୁ ମୋଟ ୨୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ଅନିୟମିତତାକୁ ନେଇ ବିଡିଓକୁ ଭେଟିଲା ବିଜେଡି



**ବଡଚଣା,୧୧।୪(ସମିସ):**

ବଡ଼ଚଣା ବ୍ଲକରେ ହେଉଥିବା ବିଭିନ୍ନ ଅନିୟମିତତା ସମ୍ପର୍କରେ ବିଡିଓ ରବୀନ୍ଦ୍ର ପ୍ରଧାନଙ୍କୁ ଭେଟି ଆଲୋଚନା କଲେ ବଡ଼ଚଣା ବିଜେଡିର ଏକ ପ୍ରତନିଧି ଦଳ। ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ସଭାପତି ତାପସ ଚନ୍ଦ୍ର ରାୟଙ୍କ ସମେତ ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ସାମଲ, ନିରଞ୍ଜନ ବିଶ୍ୱାଳ, ଯାଦବ ସଂଘର ସଭାପତି ଧୃଳେଶ୍ୱର ଦାସ, ସମିତିସଭ୍ୟ ଜଗନ୍ନାଥ ମୁଦୁଲି, ଦେବେନ୍ଦ୍ର ଜେନା, ପ୍ରଦୀପ୍ତ କୁମାର ମହାନ୍ତି, ସଞ୍ଜୀବ ସାମଲ ପ୍ରମୁଖ ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ପ୍ରଧାନଙ୍କୁ ଭେଟି ବଡ଼ଚଣା ବ୍ଲକରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟର ଅନିୟମିତତା, ଅନ୍ତ୍ୟୋଦୟ ଗୃହ ନିର୍ମାଣ ଯୋଜନାରେ ଅନିୟମିତତା ତଥା ଜଣେ ଜଣେ ଅଯୋଗ୍ୟ ହିତାଧିକାରୀ ଦୁଇ ଦୁଇ ଥର ଆବାସ ଯୋଜନାରେ ସାମିଲ ହେଉଥିବା ବେଳେ ସ୍ୱାମୀ ଏବଂ ସ୍ତ୍ରୀ ଉଭୟଙ୍କ ନାମ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉଛି; ଏତତବ୍ୟତିତ ଅବିବାହିତ ଯୁବକ ମାନଙ୍କୁ ମଧ୍ୟ ଯୋଗ୍ୟ ହିତାଧିକାରୀ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ବିଧାୟକ ଓ ସାଂସଦ ପାଣ୍ଠି, ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ଖୋଲାଖୋଲି ଭାବେ ସରକାରୀ ନିୟମର ଉଲ୍ଲଘଂନ ହେଉଥିବା ଭଳି ବିଭିନ୍ନ ପ୍ରସଙ୍ଗରେ ସୁଧାର ଆଣିବା ପାଇଁ ଆଲୋଚନା କରିଛନ୍ତି। ଯଦି ଏହାର ସୁଧାର ନ ଆସେ ତେବେ ଆଇନଗତ ପଦକ୍ଷପ ନିଆଯିବ ବୋଲି ବିଜେଡି ନେତା ମାନେ ମତବ୍ୟକ୍ତ କରିଛନ୍ତି ଏବଂ ରାଜ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର କାର୍ଯ୍ୟକାରୀ ବୈଠକ

**ଧର୍ମଶାଳା,୧୧।୪(ସମିସ):** ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ହଳଦିଆପଦାସ୍ଥିତ ହଳଦୀଶୁଣୀ ପୀଠରେ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଜିଲ୍ଲା ଶାଖାର ଏକ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର କର୍ମକର୍ତ୍ତା ରବି ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ଧର୍ମଶାଳା, କୋରେଇ, ଦାନଗଦି, ଦଶରଥପୁର, ରସୁଲପୁର, ବରୀ ଆଦି ବ୍ଲକ ଅଧୀନସ୍ଥ ରଗଡ଼ି, ଦକ୍ଷିଣ ବନ୍ଧ, ବରୀ, ବ୍ରହ୍ମବରଦା, ଅଙ୍ଗାଳୋ, କଳିଙ୍ଗନଗର କୁଆଖିଆ ଆଦି ଶାଖା ସଂଘ ଗୁଡିକର ପ୍ରତିନିଧିମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହିଥିଲେ। ଏହି ବୈଠକରେ ଆସନ୍ତା ୨୧ ତାରିଖ ଜାତୀୟ ଦାବି ଦିବସ ପାଳନ ଅବସରରେ ୧୦ଟି ବ୍ଲକର ବିଡିଓଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ୧୦ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ୯ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ ନିମନ୍ତେ ବୈଠକରେ ସ୍ଥିର କରାଯାଇଥିଲା। ଆସନ୍ତା ମେ' ୧୩ରୁ ୩ଦିନ ଧରି ଭୁବନେଶ୍ୱର ଗାନ୍ଧୀ ମାର୍ଗ ଠାରେ ରାଜ୍ୟ ପେନ୍‌ସନରମାନଙ୍କ ୯ଦଫା ଦାବି ଉପରେ ଧାରଣା କାର୍ଯ୍ୟକ୍ରମରେ ଯୋଗଦେବା ସଂପର୍କରେ ଆଲୋଚନା ହୋଇଥିଲା। ବୈଠକରେ ମହାସଂଘର କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ମଳ ଚାନ୍ଦ୍ର ଦାସ, ଡ. ରମାକାନ୍ତ ଜେନା, ଦାମୋଦର ପଣ୍ଡା, ଆଶାତରୁ ନାୟକ, ଆଦିକନ୍ଦ ସ୍ୱାଇଁ, ସୁରେନ୍ଦ୍ର କୁମାର ରାୟ, ଅର୍ଜୁନ ଦାସ, ଗନ୍ଧର୍ବ ଦାସ, ଲକ୍ଷ୍ମୀଧର ପାଢ଼ୀ, ହୃଷୀକେଶ ବେହେରା, ଅଶୋକ କୁମାର ଦାସ, କୈଳାଶ ଚନ୍ଦ୍ର ସାମଲ, ବାଶନ୍ତି ଲତା ଦାସ, ସୁଧାଂଶୁ ଭୂଷଣ ମିଶ୍ର ଓ ବଳରାମ ଆୟଚ ପ୍ରମୁଖ ଯୋଗଦେଇଥିଲେ।



